# NATIONAL NEWS BULLETIN (ODIA)

## 15 April - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- କର୍ଣ୍ଣାଟକକୁ ଆଜି ଦିନିକିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ମହିଳା ସଂରକ୍ଷଣ ବିଲ୍ ଏକ ସନ୍ତୁଳିତ ଏବଂ ପ୍ରତ୍ୟେକ ସମ୍ପ୍ରଦାୟ ଓ ଅଞ୍ଚଳର ଆକାଂକ୍ଷା ପୂରଣ କରିବାରେ ସହାୟକ ହେବ, କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।
- ଛତିଶଗଡ଼ ପାୱାର ପ୍ଲାଣ୍ଟ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ।
- ଆଣ୍ଡାମାନ ସାଗରରେ ବାଂଲାଦେଶର ଏକ ଯାତ୍ରୀବାହି ବୋଟ୍ ବୁଡ଼ିଯିବାରୁ ୨୫୦ ଜଣ ନିଖୋଜ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍‌କୁ ୩୨ରନ୍‌ରେ ପରାସ୍ତ କଲା ଚେନ୍ନାଇ ସୁପରକିଙ୍ଗସ୍ ।

## ପିଏମ୍-କର୍ଣ୍ଣାଟକ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ କର୍ଣ୍ଣାଟକ ଗସ୍ତରେ ଯିବେ । ମାଣ୍ଡ୍ୟା ଜିଲ୍ଲାର ଶ୍ରୀକ୍ଷେତ୍ର ଆଦିଚୁଞ୍ଚନଗିରିର ଭୈରଭୈକ୍ୟ ମନ୍ଦିରକୁ ଉଦ୍‌ଘାଟନ କରିବା ସହ ସେଠାରେ ଏକ ସମାବେଶକୁ ସମ୍ବୋଧନ କରିବେ । ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବଗୌଡ଼ାଙ୍କ ସହ ମିଳିତ ଭାବେ ସୌନ୍ଦର୍ଯ୍ୟ ଲହରି ଏବଂ ଶିବ ମହିମ୍ନା ସ୍ତୋତ୍ରଂ ଶୀର୍ଷକ ପୁସ୍ତକର ଉନ୍ମୋଚନ କରିବେ ।

## ମହା-ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ମହାରାଷ୍ଟ୍ରକୁ ଦୁଇଦିନିଆ ଗସ୍ତରେ ଯିବେ । ପୂର୍ବାହ୍ନରେ ନାଗପୁର ଏମ୍ସର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବା ସହ ସନ୍ଧ୍ୟାରେ ଜାତୀୟ ପ୍ରତ୍ୟକ୍ଷ ଟିକସ ଏକାଡେ଼ମୀର ଆୟକର ବିଭାଗର ଭାରତୀୟ ରାଜସ୍ୱ ସେବା ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କ ୭୮ତମ ବ୍ୟାଚ୍‌ର ସମାପନ ଉତ୍ସବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏମସ୍ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ୨୧୦ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଓ ସ୍ୱର୍ଣ୍ଣପଦକ ପ୍ରଦାନ କରିବେ । ଭାରତୀୟ ରାଜସ୍ୱ ସେବାର ୭୮ତମ ବ୍ୟାଚ୍‌ର ୧୩୦ ଜଣ ଅଧିକାରୀ ୧୬ ମାସର ପ୍ରଶିକ୍ଷଣ ସମାପ୍ତ କରିଛନ୍ତି । ଆସନ୍ତାକାଲି ରାଷ୍ଟ୍ରପତି ୱାର୍ଦ୍ଧାଠାରେ ମହାତ୍ମା

ଗାନ୍ଧି ଅନ୍ତରାଷ୍ଟ୍ରୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟର ଷଷ୍ଠ ସମାବର୍ତ୍ତନ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ରିଜିଜୁ

ସଂସଦର ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ବିଲ୍ ଉପରେ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ଏହି ବିଲ୍ ଏକ ସନ୍ତୁଳିତ ତଥା ପ୍ରତ୍ୟେକ ସମ୍ପ୍ରଦାୟ, ଅଞ୍ଚଳ ଏବଂ ରାଜ୍ୟର ଆକାଂକ୍ଷା ପୂରଣ କରିବାରେ ସହାୟକ ହେବ । ନୂଆଦିଲ୍ଲୀଠାରେ ସାମ୍ବାଦିକଙ୍କ ସହ ଆଲୋଚନାକାଳରେ ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି, ଏହି ଆଇନ୍‌କୁ ସମାଲୋଚନା କରିବାର କୌଣସି ସୁଯୋଗ ନାହିଁ । ପ୍ରତ୍ୟେକ ରାଜନୈତିକ ଦଳର ବିଚାର ବିମର୍ଷ ପରେ ଏହାକୁ ପ୍ରସ୍ତୁତ କରାଯାଇଛି । ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଆଇନ୍ ସମ୍ପର୍କରେ ଆଲୋଚନା ପାଇଁ ସବୁ ରାଜନୈତିକ ଦଳ ସହମତ ଥିବା ଜଣାପଡ଼ିଛି । ଏପରିକି ନାରୀଶକ୍ତି ବନ୍ଦନ ଅଧିନିୟମ ପାରିତ ହେବା ସମୟରେ କୌଣସି ରାଜନୈତିକ ଦଳ ଏହାକୁ ବିରୋଧ କରି ନଥିଲେ ବୋଲି ଶ୍ରୀ ରିଜିଜୁ କହିଛନ୍ତି । ଜାତୀୟ ସ୍ୱାର୍ଥରେ ଏକତ୍ରିତ ହୋଇଥିବାରୁ ସମସ୍ତ ରାଜନୈତିକ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

କୃତଜ୍ଞତା ଜ୍ଞାପନ କରିଛନ୍ତି । ମହିଳା ସଂରକ୍ଷଣ ରାଜନୈତିକ ପ୍ରସଙ୍ଗ ନୁହେଁ ଏବଂ ଏହି ପ୍ରକ୍ରିୟା ଯଥାଶୀଘ୍ର କାର୍ଯ୍ୟକାରୀ ହେବା ଜରୁରୀ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ଛତିଶଗଡ଼-ଏକ୍ସପ୍ଲୋଜନ୍

ଛତିଶଗଡ଼ରେ ଏକ ପାଓ୍ୱାର ପ୍ଲାଣ୍ଟରେ ଗତକାଲି ହୋଇଥିବା ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି । ଶକ୍ତି ଜିଲ୍ଲା ଅନ୍ତର୍ଗତ ସିଂଘାତେରାଇ ଗ୍ରାମର ବେଦାନ୍ତ ଲିମିଟେଡ୍ ପାଓ୍ୱାର ପ୍ଲାଣ୍ଟର ବୟଲର ବିସ୍ଫୋରଣ ଘଟିବାରୁ ଏହି ଦୁର୍ଘଟଣା ଘଟିଛି । ବୟଲର ଟର୍ବାଇନ୍‌କୁ ଉଚ୍ଚ ଚାପଯୁକ୍ତ ବାଷ୍ପ ଯୋଗାଣ କରୁଥିବା ଏକ ଟ୍ୟୁବ୍‌ରେ ଗତକାଲି ଅପରାହ୍ଣରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା । ଫଳରେ ସେଠାରେ କାମ କରୁଥିବା ଶ୍ରମିକମାନେ ଗୁରୁତର ଭାବେ ପୋଡ଼ି ଯାଇଥିଲେ । ଘଟଣା ସ୍ଥଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆହତଙ୍କୁ ପଡ଼ୋଶୀ ରାୟଗଡ଼ ଏବଂ ବିଳାସପୁର ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିର ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଛତିଶଗଡ଼

ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ମଧ୍ୟ ଘଟଣାର ଗଭୀର ଦୁଃଖ ପ୍ରକାଶ କରିବା ସହ ସହାୟତାରାଶି ଘୋଷଣା କରିଛନ୍ତି । ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି । ଘଟଣାର ତଦନ୍ତ ପାଇଁ ବିଳାଶପୁର ଡିଭିଜନ୍‌ର କମିଶନର୍‌ଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ପୃଥକ ଭାବେ ଦୁର୍ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ କରୁଛି ।

## ଡବ୍ଲ୍ୟୁବି-ବିଜେପି କ୍ୟାମ୍ପେନ୍

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ପ୍ରଚାର ପାଇଁ ଆଉ ଗୋଟିଏ ସପ୍ତାହ ବାକି ରହିଛି । ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ତ୍ୱରାନ୍ୱିତ ହୋଇଛି । ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି କେତେକ ନିର୍ବାଚନୀ ସମାବେଶରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଦାର୍ଜିଲିଂର ଲେବୋଙ୍ଗ ଗ୍ରାଉଣ୍ଡ ଠାରେ ଏବଂ ପରେ ଜଲପାଇଗୁଡ଼ି ଜିଲ୍ଲାର ରାଜଗଞ୍ଜରେ ଜନସମାବେଶକୁ ସମ୍ବୋଧନ କରିବେ । ଅପରାହ୍ଣରେ ଶ୍ରୀ ଶାହା ଆଲିପୁର ଦୁଆରର ଫଲକଟା ମିଲ୍ ରୋଡ୍ ଗ୍ରାଉଣ୍ଡ ଏବଂ କୁଚ୍‌ବିହାରର ତୋଫାନ୍‌ଗଞ୍ଜ କଲିବାରି ଆର୍.ଏମ୍.ସି. ଗ୍ରାଉଣ୍ଡରେ

ସାଧାରଣ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

## ବାଂଲାଦେଶ ବୋଟ୍

ଆଣ୍ଡାମାନ ସାଗରରେ ବାଂଲାଦେଶର ଏକ ଯାତ୍ରୀବାହି ବୋଟ୍ ବୁଡ଼ିଯିବାରୁ ୨୫୦ ଜଣ ନିଖୋଜ ଅଛନ୍ତି । ଦକ୍ଷିଣ ବାଂଲାଦେଶର ଟେକ୍ନାଫ୍‌ରୁ ଯାତ୍ରା ଆରମ୍ଭ କରିଥିବା ଏହି ବୋଟ୍‌ଟି ମାଲେସିଆକୁ ଯାଉଥିଲା । ଏଥିରେ ରୋହିଙ୍ଗିୟା ସରଣାର୍ଥି ଏବଂ ବାଂଲାଦେଶୀ ନାଗରୀକଙ୍କୁ ମିଶାଇ ୨୫୦ରୁ ଅଧିକ ଯାତ୍ରା କରୁଥିଲେ । ଜାତିସଂଘ ସରଣାର୍ଥି ଉଚ୍ଚାୟୁକ୍ତ ଏବଂ ପ୍ରବାସନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଆନ୍ତର୍ଜାତିକ ସଂଗଠନର ମିଳିତ ବିବୃତ୍ତି ଅନୁଯାୟୀ ଅଶାନ୍ତ ସମୁଦ୍ର, ପ୍ରବଳ ପବନ ଏବଂ ଅତ୍ୟଧିକ ଓଜନ ଯୋଗୁଁ ବୋଟ୍‌ଟି ବୁଡ଼ିଯାଇଥିବା ଆଶଙ୍କା କରାଯାଉଛି । ଗତ ୨ ତାରିଖରେ ଏହା ଘଟିଥିବା ଅନୁମାନ କରାଯାଉଛି ।

ତେବେ ଏ ସଂକ୍ରାନ୍ତ ସମ୍ପୂର୍ଣ୍ଣ ବିବରଣି ଏ ଯାଏଁ ସ୍ପଷ୍ଟ ହୋଇନାହିଁ । ବୋଟ୍‌ରୁ ୯ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି । ବାଂଲାଦେଶ ତଟରକ୍ଷୀ ବାହିନୀ ଦେଇଥିବା ସୂଚନା ଅନୁଯାୟୀ ବୁଡ଼ିଯାଉଥିବା ବୋଟ୍‌କୁ ଏକ ପଣ୍ୟବାହି ଜାହାଜ ଦେଖିବା ପରେ ଏହି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲା ।

ଉଦ୍ଧାର ପାଇଥିବା ଯାତ୍ରୀଙ୍କ ମଧ୍ୟରେ ମାନବ ଚାଲାଣ ସହିତ ସମ୍ପର୍କ ଥିବା କିଛି ଲୋକ ରହିଥିବା ସନ୍ଦେହ କରାଯାଉଛି ।

## ୟୁଏସ୍-ଇରାନ୍ ଟକ୍ସ

ଯୁଦ୍ଧ ବିରତି ନେଇ ଇରାନ୍ ସହିତ କିଛି ଦିନ ମଧ୍ୟରେ ପୁଣିଥରେ ଆଲୋଚନା ଆରମ୍ଭ ହୋଇପାରେ ବୋଲି ଆମେରିକା ସୂଚନା ଦେଇଛି । ଅନ୍ୟ ପକ୍ଷରେ ଇସ୍ରାଏଲ୍ ଓ ଲେବାନନ ମଧ୍ୟରେ ସିଧାସଳଖ ଆଲୋଚନା ଆରମ୍ଭ ହୋଇଛି । ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନାକୁ ହ୍ରାସ କରିବାରେ ଏହି ପଦକ୍ଷେପ ସହାୟକ ହେବ ବୋଲି ଆଶା କରାଯାଉଛି । ଆମେରିକା ବୈଦେଶିକ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ୱାଶିଂଟନ୍‌ଠାରେ ଇସ୍ରାଏଲ୍ ଓ ଲେବାନନର ରାଷ୍ଟ୍ରଦୂତଙ୍କ ମଧ୍ୟରେ ଆଲୋଚନା ହୋଇଛି । ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ଏହି ପ୍ରଥମ ଉଚ୍ଚ ସ୍ତରୀୟ ବୈଠକ ସକରାତ୍ମକ ଥିବା ଆମେରିକା ବୈଦେଶିକ ବିଭାଗ କହିଛି ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଆସନ୍ତା ଦୁଇ ଦିନ ମଧ୍ୟରେ ପାକିସ୍ତାନରେ ୱାଂଶିଟନ୍ ଓ ତେହେରାନ ମଧ୍ୟରେ ପୁନଃ ଆଲୋଚନା ଆରମ୍ଭ ହୋଇପାରେ । ଏକ ସାକ୍ଷାତକାରରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଏହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଆମେରିକା ଆଗ୍ରହୀ । ଗତ ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା । ଇରାନ୍‌ର ପରମାଣୁ

କାର୍ଯ୍ୟକ୍ରମକୁ ନେଇ ଆମେରିକା ଓ ଇରାନ୍ ମଧ୍ୟରେ ମତଭେଦ ଜାରି ରହିଛି । ଇରାନ୍ ୟୁରାନିୟମ୍ ନେଇ ସମୃଦ୍ଧ ହେବାକୁ ଚେଷ୍ଟା କରୁଥିବାରୁ ଆମେରିକା ଏହାକୁ ବନ୍ଦ କରିବାକୁ ପ୍ରୟାସ କରୁଛି । ଅନ୍ୟ ପକ୍ଷରେ ତେହେରାନ୍' ଇରାନ୍ ସମ୍ପତ୍ତି ମୁକ୍ତି ଏବଂ କ୍ଷୟକ୍ଷତି ନେଇ କ୍ଷତିପୂରଣ ଦାବି ଉପସ୍ଥାପନ କରିଛି ।

## ଜେକେ-ଅମରନାଥ

ଚଳିତ ବର୍ଷ ଶ୍ରୀ ଅମରନାଥ ଯାତ୍ରା ପାଇଁ ପଞ୍ଜିକରଣ ଆଜିଠାରୁ ଆରମ୍ଭ ହେଉଛି । ଦେଶ ବ୍ୟାପି ଜାମ୍ମୁ କାଶ୍ମୀର ବ୍ୟାଙ୍କ୍, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ୍, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏବଂ ଇଏସ୍ ବ୍ୟାଙ୍କ୍‌ର ନିର୍ଦ୍ଦିଷ୍ଟ ୫୫୪ଟି ଶାଖାରେ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍ ଲାଇନ୍ ମାଧ୍ୟମରେ ପଞ୍ଜିକରଣ କରାଯାଇପାରିବ । ଶ୍ରୀ ଅମରନାଥ ମନ୍ଦିର ବୋର୍ଡ୍ ପକ୍ଷରୁ  ତୀର୍ଥଯାତ୍ରୀଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

ଜୁଲାଇ ୩ ତାରିଖରୁ ଆରମ୍ଭ ହେଉଥିବା ଏହି ଯାତ୍ରା ବିଭିନ୍ନ ପର୍ଯ୍ୟାୟରେ ୫୭ ଦିନ ଧରି ଚାଲିବ । ଅଗଷ୍ଟ ୨୮ ତାରିଖ ରକ୍ଷାବନ୍ଧନରେ ଯାତ୍ରା ସମାପ୍ତ ହେବ । ଭଗବାନ ଶିବଙ୍କ ଆଶୀର୍ବାଦ ପାଇଁ ପ୍ରଥମ ପୂଜା ଜୁନ୍ ୨୯ ତାରିଖ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଅନୁଷ୍ଠିତ ହେବ । ପ୍ରତ୍ୟେକ ପଞ୍ଜିକୃତ ତୀର୍ଥଯାତ୍ରୀ ଏବଂ ସେବା ପ୍ରଦାନକାରୀଙ୍କୁ ରେଡ଼ିଓ ଫ୍ରିକ୍ୱେନ୍ସି ଚିହ୍ନଟ ଉପକରଣ ପ୍ରଦାନ କରାଯିବ । ପ୍ରତ୍ୟେକଙ୍କ ପାଇଁ ୧୦ ଲକ୍ଷ ଟଙ୍କା

ପର୍ଯ୍ୟନ୍ତ ବୀମା ରାଶି ପ୍ରଦାନର ବ୍ୟବସ୍ଥା ରହିଛି । ଏଥିସହ ତୀର୍ଥଯାତ୍ରୀ ଗୋଷ୍ଠୀ ଦୁର୍ଘଟଣା ଜନିତ ବୀମାରାଶି ମଧ୍ୟ ପାଇବେ । ପଞ୍ଜିକରଣର ବୟସସୀମା ୧୩ରୁ ୭୦ ବର୍ଷ ମଧ୍ୟରେ ସୀମିତ ରହିଛି ।

ତୀର୍ଥଯାତ୍ରୀଙ୍କୁ ଗତ ୮ ତାରିଖ ପରେ ଜଣେ ଅଧିକୃତ ଡାକ୍ତର କିମ୍ବା ଚିକିତ୍ସା ପ୍ରତିଷ୍ଠାନ ଦ୍ୱାରା ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ । ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ ପାଇଁ ଅଧିକାର ପ୍ରାପ୍ତ ଡାକ୍ତର ଏବଂ ପ୍ରତିଷ୍ଠାନଗୁଡ଼ିକର ତାଲିକା ଶ୍ରୀ ଅମରନାଥ ସ୍ରାଇନ୍ ବୋର୍ଡ୍ ପକ୍ଷରୁ ଜାରି କରାଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିଜୟୀ ହୋଇଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍‌କୁ ୩୨ ରନ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ଚେନ୍ନାଇ ସୁପରକିଙ୍ଗସ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୧୯୨ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସଞ୍ଜୁ ସାମସନ୍ ସର୍ବାଧିକ ୪୮ରନ୍ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟକୁ ପିଛା କରି କୋଲକାତା ନାଇଟ୍‌ରାଇଡର୍ସ୍ ୭ ଓ୍ୱିକେଟ୍ ବିନିମୟରେ

୧୬୦ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଚେନ୍ନାଇ ସୁପରକିଙ୍ଗସ୍ ପକ୍ଷରୁ ନୁର୍ ଅହମ୍ମଦ ୩ଟି ଓ୍ୱିକେଟ୍ ଅକ୍ତିଆର କରି କୋଲକାତା ନାଇଟ୍‌ରାଇଡର୍ସ୍ ବ୍ୟାଟିଂ ବିପର୍ଯ୍ୟୟର କାରଣ ହୋଇଥିଲେ । ମାତ୍ର ୯୧ରନ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ୬ଟି ଓ୍ୱିକେଟ୍ ହରାଇଥିଲା । ନୁର୍ ଅହମ୍ମଦଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଲକ୍ଷ୍ନୌ ସୁପରଜ୍ୟାଏଣ୍ଟସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।